# NATIONAL NEWS BULLETIN (ODIA)
## 20th October - 2024
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆସନ୍ତା ୫ ବର୍ଷରେ ବୃଦ୍ଧି ହେବ ଆଉ ୭୫ ହଜାର ମେଡିକାଲ୍ ଆସନ, କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

- ଦିଲ୍ଲୀ ସି.ଆର୍.ପି.ଏଫ୍. ବିଦ୍ୟାଳୟ ବିସ୍ଫୋରଣ ଘଟଣାର ତଦନ୍ତ ଲାଗି ପହଞ୍ଚିଲା ଏନ୍.ଆଇ.ଏ. ।

- ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ନିମନ୍ତେ ବି.ଜେ.ପି.ର ୯୯ଜଣିଆ ପ୍ରାର୍ଥୀ ତାଲିକା ପ୍ରକାଶ ।

- ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଓ ଉତ୍ତର ଆଣ୍ଡାମାନ ସାଗରରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ସୃଷ୍ଟି ସମ୍ଭାବନା ।

ଏବଂ

- ଆଇ.ସି.ସି. ମହିଳା ଟି.-ଟ୍ୱେଣ୍ଟି ବିଶ୍ୱକପ୍ ଫାଇନାଲ୍‌ରେ ଆଉ କିଛି ସମୟ ପରେ ମୁହାଁମୁହିଁ ହେବେ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ।

## ପି.ଏମ୍. - ବାରାଣସୀ

ଦେଶରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗତ ୧୦ ବର୍ଷ ମଧ୍ୟରେ ଅଭୂତପୂର୍ବ ପରିବର୍ତ୍ତନ ଘଟିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାଶୀର ଲୋକପ୍ରିୟତାକୁ ଦର୍ଶାଇ ଶ୍ରୀ ମୋଦି କହିଛନ୍ତି, ଏହା କେବଳ ପୂର୍ବାଞ୍ଚଳରେ ନୁହେଁ; ବରଂ ସାରା ଦେଶପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ।  ନିଜ ସଂସଦୀୟ କ୍ଷେତ୍ର ବାରାଣସୀରେ ଆର୍.ଜେ. ଶଙ୍କର ଚକ୍ଷୁ ଚିକିତ୍ସାଳୟ ଉଦ୍‌ଘାଟନ କରିବା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି, ଦେଶର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆସନ୍ତା ୫ ବର୍ଷରେ ମେଡିକାଲ୍ ଆସନ ସଂଖ୍ୟା ଆଉ ୭୫ ହଜାର ବୃଦ୍ଧି ପାଇବ ।

ଏହି ଅବସରରେ ଶ୍ରୀ ମୋଦି ସ୍ୱାସ୍ଥ୍ୟସେବା ଏବଂ ଲୋକମାନଙ୍କୁ ସୁବିଧାରେ ଚିକିତ୍ସା ସେବା ଯୋଗାଇ ଦେବା ନେଇ କେନ୍ଦ୍ର ସରକାରଙ୍କ ପଦକ୍ଷେପ ସମ୍ପର୍କରେ କହିଥିଲେ । ସେ କହିଥିଲେ, ଗତ ୧୦ ବର୍ଷରେ ପୂର୍ବାଞ୍ଚଳରେ ୫ ହଜାର ୫ ଶହଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ଥାପନ କରାଯାଇଛି । ଏହାବ୍ୟତୀତ ଔଷଧଗୁଡ଼ିକୁ ଶସ୍ତା କରାଯିବା ଫଳରେ ଏହା

ଉପରେ ହେଉଥିବା ଖର୍ଚ୍ଚ ପରିମାଣ ୨୫ ପ୍ରତିଶତ ହ୍ରାସ ପାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଯେତେବେଳେ ତାଙ୍କ ସରକାର ପ୍ରଥମେ କ୍ଷମତାକୁ ଆସିଲା, ସେ ସମୟରେ ମିଶନ ଇନ୍ଦ୍ରଧନୁସ୍ ଜରିଆରେ ଗର୍ଭବତୀ ମହିଳା ଓ ନବଜାତମାନଙ୍କୁ ଟିକାକରଣ କରାଯାଇଥିଲା ।

ଆଜି ପ୍ରଧାନମନ୍ତ୍ରୀ କାଞ୍ଚିକାମକୋଠି ତୀର୍ଥର ଜଗତ୍‌ଗୁରୁ ଶ୍ରୀଶଙ୍କରା ବିଜୟେନ୍ଦ୍ର ସରସ୍ୱତୀଙ୍କ ଉପସ୍ଥିତିରେ ଚକ୍ଷୁ ଚିକିତ୍ସାଳୟ ଉଦ୍‌ଘାଟନ କରିଥିଲେ । ଶଙ୍କର ନେତ୍ରାଳୟଦ୍ୱାରା ସ୍ଥାପିତ ଏହି ଚିକିତ୍ସାଳୟ ଦେଶର ଏକ ପ୍ରମୁଖ ଚକ୍ଷୁ ଚିକିତ୍ସାଳୟ ଭାବେ ଜଣାଶୁଣା । ଏହି ଅବସରରେ ପ୍ରଧାନମନ୍ତ୍ରୀ ସମ୍ପୃକ୍ତ ଚିକିତ୍ସାଳୟ ଉନ୍ନତ ଚକ୍ଷୁ ଚିକିତ୍ସା ଯୋଗାଇ ଦେବ ବୋଲି ଆଶା ପୋଷଣ କରିଛନ୍ତି । ବାରାଣସୀରେ ଶଙ୍କର ନେତ୍ରାଳୟର ଏହା ଚତୁର୍ଦ୍ଦଶ ଚିକିତ୍ସାଳୟ । ପ୍ରତ୍ୟେକ ବର୍ଷ ସାରା ଦେଶରେ ଏହି ଚିକିତ୍ସାଳୟରେ ୩୦ ହଜାରରୁ ଅଧିକ ଗରିବ ଲୋକଙ୍କ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ବ୍ୟବସ୍ଥା ରହିଛି । ୧୧୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ବିଶ୍ୱସ୍ତରୀୟ ଚକ୍ଷୁଚିକିତ୍ସାଳୟରେ ୯ଟି ଅସ୍ତ୍ରୋପଚାର କକ୍ଷ ରହିଛି ।

## ଦିଲ୍ଲୀ ପୁଲିସ୍ - ଏକ୍ସପ୍ଲୋଜନ୍

ଦିଲ୍ଲୀର ରୋହିଣୀଠାରେ ସି.ଆର୍.ପି.ଏଫ୍. ବିଦ୍ୟାଳୟ ନିକଟରେ ଘଟିଥିବା ବିସ୍ଫୋରଣ ଘଟଣାର ତଦନ୍ତ ଲାଗି ଜାତୀୟ ତଦନ୍ତକାରୀ ସଂସ୍ଥା – ଏନ୍.ଆଇ.ଏ. ଘଟଣାସ୍ଥଳରେ ପହଞ୍ଚିଛି । ଦିଲ୍ଲୀ ପୁଲିସ୍ ମୁଖପାତ୍ର ସଞ୍ଜୟ

ତ୍ୟାଗୀ ଗଣମାଧ୍ୟମକୁ କହିଛନ୍ତି, ଫୋରେନ୍‌ସିକ୍ ବିଭାଗ, ଅପରାଧ ଶାଖା ଏବଂ ସ୍ୱତନ୍ତ୍ର ସେଲ୍‌ର ବିଶେଷଜ୍ଞମାନେ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛନ୍ତି । ତଦନ୍ତ ଶେଷ ହେବାପରେ ବିସ୍ଫୋରଣର କାରଣ ଜଣାପଡ଼ିବ ବୋଲି ଶ୍ରୀ ତ୍ୟାଗୀ କହିଛନ୍ତି ।

ସୂଚନାଯୋଗ୍ୟ, ଆଜି ସକାଳେ ରୋହିଣୀଠାରେ ସି.ଆର୍.ପି.ଏଫ୍.ର ଏକ ସ୍କୁଲ୍ ବାହାରେ ଘଟିଥିବା ବିସ୍ଫୋରଣରେ ବିଦ୍ୟାଳୟର କାନ୍ଥ କ୍ଷତିଗ୍ରସ୍ତ ହୋଇଥିଲା । ଏହି ଘଟଣାରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି ।

## ଇ.ପି.ଏଫ୍.ଓ. - ମେମ୍ବର

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନରେ ଗତ ଅଗଷ୍ଟ ମାସରେ ୧୮ ଲକ୍ଷ ୫୩ ହଜାର ସଦସ୍ୟ ସାମିଲ୍ ହୋଇଛନ୍ତି । କେନ୍ଦ୍ର ଶ୍ରମ ଏବଂ ନିଯୋଜନ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଅଗଷ୍ଟ ମାସରେ ୯ ଲକ୍ଷ ୩୦ ହଜାର ନୂଆ ସଦସ୍ୟ ପଞ୍ଜିକୃତ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୨ ଲକ୍ଷ ୫୩ ହଜାର ମହିଳା ସଦସ୍ୟ ଅଛନ୍ତି । ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦେଶରେ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବା ସହ କର୍ମଚାରୀମାନଙ୍କୁ ମିଳୁଥିବା ଲାଭ ଉପରେ ସଚେତନତା ସୃଷ୍ଟି ଯୋଗୁଁ ଅଧିକ ସଂଖ୍ୟକ ନୂଆ ସଦସ୍ୟ ସଙ୍ଗଠନରେ ସାମିଲ୍ ହେଉଛନ୍ତି । ଗତ ବର୍ଷ ଅଗଷ୍ଟ

ମାସ ତୁଳନାରେ ନିୟୋଜନ ସୁଯୋଗ ୯ ପ୍ରତିଶତ ବୃଦ୍ଧି ପାଇଥିବା ମନ୍ତ୍ରଣାଳୟ କହିଛି ।

## ବି.ଜେ.ପି. - ମହାରାଷ୍ଟ୍ର

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ନିମନ୍ତେ ବି.ଜେ.ପି. ପ୍ରଥମ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି । ତାଲିକାରେ ୯୯ ଜଣ ପ୍ରାର୍ଥୀଙ୍କ ନାମ ସୁପାରିସ କରାଯାଇଛି । ସୂଚନା ଅନୁଯାୟୀ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶ ଉତ୍ତର-ପଶ୍ଚିମ ନାଗପୁର ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବାବେଳେ ମହାରାଷ୍ଟ୍ର ବି.ଜେ.ପି. ମୁଖ୍ୟ ଚନ୍ଦ୍ରଶେଖର ବାଙ୍କୁଲେ କାମ୍ଥି ଆସନରୁ ନିର୍ବାଚନ ଲଢ଼ିବେ । ରାଷ୍ଟ୍ରମନ୍ତ୍ରୀ ଦିଲୀପ ମହାଜନ ଜାମନେର୍ ଏବଂ ସୁଧୀର ମୁଙ୍ଗଣ୍ଟିୱାର ବଲାରପୁର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । ଏହାଛଡ଼ା ଦଳ ପକ୍ଷରୁ ଆଶିଷ ସେଲାର୍‌ଙ୍କୁ ବାନ୍ଦ୍ରେ-ପଶ୍ଚିମ, ମଙ୍ଗଳପ୍ରଭାତ ଲୋଧାଙ୍କୁ ମାଲାବାର ହିଲ୍, ରାହୁଲ୍ ନର୍ୱେକରଙ୍କୁ କୋଲାବା ଏବଂ ଶ୍ରୀଜୟ ଅଶୋକ ଚୌହାନଙ୍କୁ ବୋକାର ବିଧାନସଭା ଆସନ ନିମନ୍ତେ ପ୍ରାର୍ଥୀ ଚୟନ କରାଯାଇଛି ।

ବି.ଜେ.ପି. କେନ୍ଦ୍ରୀୟ ନିର୍ବାଚନ କମିଟି ୯୯ ଜଣିଆ ପ୍ରାର୍ଥୀ ତାଲିକାକୁ ମଞ୍ଜୁରି ପ୍ରଦାନ କରିଛି । ଆସନ୍ତା ମାସ ୨୦ ତାରିଖରେ ମହାରାଷ୍ଟ୍ରର ୨୮୮

ଆସନ ବିଶିଷ୍ଟ ବିଧାନସଭା ନିମନ୍ତେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ । ନଭେମ୍ବର ୨୩ରେ ଭୋଟ୍ ଗଣତି କରାଯିବ ।

## ଆଇ.ଏମ୍.ଡି. - ରେନ୍‌ଫଲ୍

ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ତତ୍‌ସଂଲଗ୍ନ ଉତ୍ତର ଆଣ୍ଡାମାନ ସାଗରରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ସୃଷ୍ଟି ହେବା ନେଇ ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ଏହା କ୍ରମଶଃ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଅଧିକ ଘନୀଭୂତ ହୋଇ ଆସନ୍ତା ୨୨ ତାରିଖ, ମଙ୍ଗଳବାର ସକାଳ ସୁଦ୍ଧା ଅବପାତରେ ପରିଣତ ହୋଇ ବୁଧବାର ଦିନ ସାମୁଦ୍ରିକ ଝଡ଼ର ରୂପ ନେବ । ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଏହି ସାମୁଦ୍ରିକ ଝଡ଼ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ସହ ୨୪ ତାରିଖ ସକାଳ ସୁଦ୍ଧା ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି । ପାଣିପାଗ ବିଭାଗ ପକ୍ଷରୁ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ତାମିଲ୍‌ନାଡୁ, ପୁଡୁଚେରୀ, କରାଇକାଲ୍, କେରଳ ଏବଂ କର୍ଣ୍ଣାଟକର ଆଭ୍ୟନ୍ତରୀଣ ଦକ୍ଷିଣାଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

## ମାଣ୍ଡବୀୟ - ଇ-ଶ୍ରମ

ଅଣସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ନିମନ୍ତେ କେନ୍ଦ୍ର ଶ୍ରମ ଓ ନିଯୋଜନ ମନ୍ତ୍ରୀ ଡକ୍ଟର ମନ୍‌ସୁଖ ମାଣ୍ଡବୀୟ ଆସନ୍ତାକାଲି ଇ-ଶ୍ରମ ବ୍ୟବସ୍ଥାର ଶୁଭାରମ୍ଭ କରିବେ । ଅଣସଙ୍ଗଠିତ କ୍ଷେତ୍ରର କର୍ମଚାରୀମାନଙ୍କପାଇଁ ଇ-ଶ୍ରମ ବ୍ୟବସ୍ଥା ବିଭିନ୍ନ ସମସ୍ୟା ସମାଧାନର କାର୍ଯ୍ୟ କରିବ । ବିଭିନ୍ନ ସରକାରୀ ଯୋଜନାର ସୁଫଳ ଅଣସଙ୍ଗଠିତ କ୍ଷେତ୍ରର କର୍ମଚାରୀମାନଙ୍କୁ ଯୋଗାଇ ଦେବା ଉଦ୍ଦେଶ୍ୟରେ ଇ-ଶ୍ରମ କେନ୍ଦ୍ର ମଧ୍ୟସ୍ଥ ଭଳି କାର୍ଯ୍ୟ କରିବ, ଯାହା ଜରିଆରେ ବିଭିନ୍ନ ଯୋଜନାର ସୁଫଳ ମିଳିପାରିବ । ପ୍ରାଥମିକ ଭାବେ ଇ-ଶ୍ରମ ଜରିଆରେ ଅଣସଙ୍ଗଠିତ କ୍ଷେତ୍ରର କର୍ମଚାରୀମାନଙ୍କୁ ସମସ୍ତ ସାମାଜିକ ସୁରକ୍ଷା ଏବଂ ସଂସ୍କାର ଯୋଜନାଗୁଡ଼ିକର ସୁଫଳ ଯୋଗାଇ ଦିଆଯିବ ।

## ଝାଡ଼ଖଣ୍ଡ - ଇଲେକ୍‌ସନ୍

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଜି ସୁଦ୍ଧା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୩ କୋଟି ୧୫ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ଓ ବେଆଇନ ଦ୍ରବ୍ୟ ଜବତ ହୋଇଛି । ମୁଖ୍ୟ ନିର୍ବାଚନ ଅଧିକାରୀ କେ.

ରବିକୁମାରଙ୍କ ସୂଚନା ଅନୁଯାୟୀ ରାଜ୍ୟରେ ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ କଡ଼ାକଡ଼ି ଭାବେ ଲାଗୁ କରିବା ଲାଗି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ଦ୍ଦେଶାବଳୀ ଅନୁଯାୟୀ ନିର୍ବାଚନ ସମୟ ସୀମା ମଧ୍ୟରେ ଜଣେ ବ୍ୟକ୍ତି ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ନିଜ ସହ ନେଇପାରିବେ । ୫୦ ହଜାରରୁ ଅଧିକ ଓ ୧୦ ଲକ୍ଷରୁ କମ୍ ଅର୍ଥ କ୍ଷେତ୍ରରେ ତାହା ଜବତ କରାଯିବା ସହ ଏହା କେଉଁ ଉତ୍ସରୁ ଆସିଛି, ତାହାର ତଦନ୍ତ କରାଯିବ । ୧୦ ଲକ୍ଷରୁ ଅଧିକ ଟଙ୍କା କ୍ଷେତ୍ରରେ ଅଧିକ ତଦନ୍ତପାଇଁ ଆୟକର ବିଭାଗକୁ ମାମଲା ହସ୍ତାନ୍ତର କରାଯିବ ।

## କାଶ୍ମୀର - ମାରାଥନ

କାଶ୍ମୀର ଉପତ୍ୟକାରେ ଆଜି ପ୍ରଥମ ଥରପାଇଁ ଶ୍ରୀନଗରରେ ଅନ୍ତର୍ଜାତୀୟ ମାରାଥନ ଅନୁଷ୍ଠିତ ହୋଇଛି । ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ପତାକା ଦେଖାଇ ଆଜି ସକାଳେ ଏହି ମାରାଥନର ଶୁଭାରମ୍ଭ କରିଥିଲେ । ଏଥିରେ ପ୍ରାୟ ୧ ହଜାର ୭ ଶହରୁ ଅଧିକ ବ୍ୟକ୍ତିବିଶେଷଙ୍କ ସମେତ ୧୨ଟି ଦେଶ ଅଂଶଗ୍ରହଣ କରିଥିଲେ । ଜମ୍ମୁ-କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ମାରାଥନ୍ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

କାର୍ଯ୍ୟକ୍ରମର ଅଭୂତପୂର୍ବ ସଫଳତା ପାଇଁ ଉପରାଜ୍ୟପାଳ’ ପର୍ଯ୍ୟଟନ ବିଭାଗ, ଜମ୍ମୁକ-ଶ୍ମୀର ପୁଲିସ୍, ସୁରକ୍ଷା ବଳ, ଯୁବ ସେବା ଓ କ୍ରୀଡ଼ା ବିଭାଗ ଏବଂ ଅନ୍ୟ ଅଂଶୀଦାରମାନଙ୍କ ପ୍ରଶଂସା କରିଥିଲେ । ସେ କହିଥିଲେ, ଗତ କିଛିବର୍ଷ ହେବ ଅଧିକ ସଂଖ୍ୟାରେ ପର୍ଯ୍ୟଟକଙ୍କ ଆଗମନ ସେହି ଅଞ୍ଚଳରେ ଶାନ୍ତି ଏବଂ ବିକାଶ ଯୋଗୁଁ ସମ୍ଭବ ହୋଇଛି । ଆଗାମୀ ଦିନରେ ଜମ୍ମୁ ମାରାଥନ ଆୟୋଜନ କରାଯିବ ବୋଲି ସେ କହିଛନ୍ତି । ଆଜି ଅନୁଷ୍ଠିତ ମାରାଥନରେ ବଲିଉଡ୍ ତାରକା ସୁନିଲ୍ ସେଟ୍ଟୀ ଯୋଗଦେଇ ଏହାକୁ ଏକ ଐତିହାସିକ କ୍ଷଣ ବୋଲି ବର୍ଣ୍ଣନା କରିଛନ୍ତି ।

## ଇସ୍ରାଏଲ୍ ଆଟାକ୍

ଇସ୍ରାଏଲ ଆକ୍ରମଣରେ ଉତ୍ତର ଗାଜାର ବେଇଟ୍ ଲାହିୟା ଅଞ୍ଚଳରେ ୮୭ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪୦ରୁ ଅଧିକ ଆହତ ହୋଇଛନ୍ତି । ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଥିବା ହମାସ୍‌ର ଜଣେ ମୁଖପାତ୍ର କହିଛନ୍ତି । ତେବେ ଇସ୍ରାଏଲ୍’ ଗାଜା ପକ୍ଷରୁ ଦିଆଯାଉଥିବା  ମୃତ୍ୟୁସଂଖ୍ୟା ନେଇ ସୂଚନା ଅତିରଞ୍ଜିତ ବୋଲି କହିଛି । ସୂଚନା ଅନୁସାରେ, ଇସ୍ରାଏଲ୍ ରାଷ୍ଟ୍ରପତିଙ୍କ ଉପରେ ଡ୍ରୋନ୍ ଆକ୍ରମଣ ହେବା ପରେ ଇସ୍ରାଏଲ୍ ପକ୍ଷରୁ ଆକ୍ରମଣକୁ ଜୋର୍‌ଦାର୍ କରାଯାଇଛି ।

ଜାତିସଂଘ ଗାଜାକୁ ଅଧିକ ପରିମାଣର ସହାୟତା ଯୋଗାଇ ଦେବାକୁ ଅସମର୍ଥ ହେଉଥିବାରୁ ଇସ୍ରାଏଲ୍‌କୁ ଦୋଷାରୋପ କରିଛି । କିନ୍ତୁ ଇସ୍ରାଏଲ୍ କୌଣସି ସହାୟତା ବ୍ୟବସ୍ଥା ଉପରେ ପ୍ରତିବନ୍ଧକ ସୃଷ୍ଟି କରି ନାହିଁ ବୋଲି ସ୍ପଷ୍ଟ କରିଛି ।

## ଇଣ୍ଡିଆ - ସ୍ପୋର୍ଟ୍ସ ହକି

ନୂଆଦିଲ୍ଲୀଠାରେ ଆରମ୍ଭ ହେବାକୁ ଥିବା ଭାରତ-ଜର୍ମାନୀ ପୁରୁଷ ଦ୍ୱିପାକ୍ଷିକ ହକି ପ୍ରତିଯୋଗିତା ପାଇଁ ଆଜି ୨୨ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ହରମନପ୍ରୀତ ସିଂ ଅଧିନାୟକ ଏବଂ ବିବେକ ସାଗର ପ୍ରସାଦ ଦଳର ଉପ ଅଧିନାୟକ ରହିଛନ୍ତି। ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମଠାରେ ଆସନ୍ତା ୨୩ ଏବଂ ୨୪ ତାରିଖରେ ଦୁଇଟି ଯାକ ମ୍ୟାଚ୍ ଖେଳାଯିବ। ଚୀନ୍‌ରେ ଅନୁଷ୍ଠିତ ଏସିଆ ଚମ୍ପିଆନସିପ୍ ହକି ପ୍ରତିଯୋଗିତାର ଟାଇଟଲ ହାସଲ କରିବା ପରେ ଭାରତ ଏହା ପ୍ରଥମ ଦ୍ୱିପାକ୍ଷିକ ଆନ୍ତର୍ଜାତିକ ହକି ସିରିଜ୍ ହେବ।

## ୱିମେନ୍ କ୍ରିକେଟ୍

ଆଇସିସି ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଟାଇଟଲ ହାସଲ ପାଇଁ ଆଜି ନ୍ୟୁଜିଲ୍ୟାଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆଉ କିଛି

ସମୟ ମଧ୍ୟରେ ମୁକାବିଲା ହେବ । ଏହି ପ୍ରତିଯୋଗିତାରେ ବିଜୟୀ ଦଳ ପ୍ରଥମଥର ପାଇଁ ଟାଇଟଲ ହାସଲ କରିବ । ସେମିଫାଇନାଲ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକା' ଅଷ୍ଟ୍ରେଲିଆକୁ ପରାସ୍ତ କରିଥିବାବେଳେ ନ୍ୟୁଜିଲାଣ୍ଡ ଓ୍ୱେଷ୍ଟଇଣ୍ଡିଜ ବିପକ୍ଷରେ ବିଜୟ ହାସଲ କରି ଫାଇନାଲରେ ପହଞ୍ଚିଛି ।

*****